# SHIKSHA VIKASH SAMITI, ODISHA

## HALF YEARLY EXAMINATION: 2023-2024

Class - IV — Sub - English (W)

Time - 2 hours — Full marks - 70

1. Dictation $2 \times 4 = 8$

   Page - 15, Lesson - 7 of the SER - IV

   How many ................. of the week.

2. Good handwriting 5

3. Answer the following questions. (any five) $3 \times 5 = 15$

   (a) What did the mouse think?

   (b) Who runs away from the crocodile?

   (c) Why did the Jackal decide not to talk?

   (d) Who looked after the Jackal's kitchen?

   (e) Who swelled like a balloon?

   (f) Did the mouse know about the cat's plan?

   (g) Where did the Jackal fall?

4. Write seven sentences on any one of the following. 7

   (a) Your School (b) Your Mother

   (c) The Cow

5. Translate into English. (any five) $2 \times 5 = 10$

   (କ) ସେଇଟି ଗୋଟିଏ ବାଳିକା ବିଦ୍ୟାଳୟ ।

   (ଖ) କୋଡ଼ିଏର ଅଧା କେତେ ?



https://ssvmkalamachhuin.in/

(ଗ) ଆଜ୍ଞା ଭିତରକୁ ଯିବି ?

(ଘ) ଆମ ଶ୍ରେଣୀରେ ୨ ୯ ଜଣ ପିଲା ଅଛନ୍ତି ।

(ଙ) ରାଧୁର ବଳଦ ନାହାଁନ୍ତି ।

(ଚ) ସେ ବହିରେ ଚିତ୍ର ନ ଥିଲା ।

(ଛ) କାଲି ମୋ ବାପା ଘରେ ନ ଥିଲେ ।

6. Do as directed. $1 \times 15 = 15$

(a) on the table / whose / are / pencils?

( Arrange the words to make a meaningful sentence)

(b) Kamala is dancing. Bimala is singing.

(Join the sentences with 'but')

(c) I have two brothers and a sister.

(Write in the form of question)

(d) Mrs Sen is a teacher. ________ shoes are black.

(Fill using his / its / her

(e) 3.30 - Write the time in word.

(f) You have a black dog now. (last year)

(Rewrite the sentence using the words in bracket)

(g) I haven't ________ balls. (Put some/any)

(h) There are twenty four spokes in the wheel.

(Make a question to get the answer)



https://ssvmkalamachhuin.in/

(i) Hari ________ in Puri last Thursday.

(Fill using was/were)

(j) This is ________ good aeroplane. (Put a / an)

(k) Sita, Mita and Gita are my sisters. (use not)

(l) I - myself, we - ________

(m) Today is Sunday.

The day before yesterday was ________

(n) Am I your teacher? Am I your uncle?

(Join the sentences with 'or')

(o) Ex - father - mother

king -

7. Project work. 10

●●●



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ଚତୁର୍ଥ — ବିଷୟ : ମାତୃଭାଷା (ଓଡ଼ିଆ)

ସମୟ : ୨ଘଣ୍ଟା — ପୂର୍ଣ୍ଣସଂଖ୍ୟା : ୧୦୦

୧. ଶ୍ରୁତଲିଖନ । 'ସାହିତ୍ୟ କଳିକା' ବହି ପୃଷ୍ଠା – ୩୧ ୫

(ଭାରତୀୟ ଯୁବକ ............. ଚାହିଁ ରହିଛି ।)

୨. ସୁନ୍ଦର ହସ୍ତାକ୍ଷର । (ଦୈନିକ ହସ୍ତାକ୍ଷର ଖାତାକୁ ଦେଖି ମୂଲ୍ୟାଙ୍କନ କରାଯିବ ।) ୫

୩. ସୁଲିଖନ । 'ତୁଳସୀ ଦୁଇ ପତ୍ରରୁ ବାସେ' ।

(କ) ବାକ୍ୟଟିକୁ ଗାର ମଧ୍ୟରେ ଲେଖ । ୨

(ଖ) ବାକ୍ୟଟିକୁ ବିନାଗାରରେ ଲେଖ । ୩

୪. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । ୫

(କ) ସରୋଜିନୀଙ୍କୁ ପ୍ରାଚ୍ୟ ଜଗତର କୋକିଳ ବୋଲି କୁହାଯାଉଥିଲା କାହିଁକି ?

(ଖ) ପ୍ରଧାନମନ୍ତ୍ରୀ ଚିନ୍ତାମଗ୍ନ ହୋଇପଡ଼ିଲେ କାହିଁକି ?

୫. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । ୫

(କ) 'ଗଛ ଓ କାଠୁରିଆ' କବିତାରେ ମଧୁକାଳ ସଂପର୍କରେ କ'ଣ କୁହାଯାଇଛି ?

(ଖ) ଆସଇ ରଜନୀ ରାଣୀ ଧରି କଳାବେଶ – ଏକଥା କହିବାର ଅର୍ଥ କ'ଣ ?



https://ssvmkalamachhuin.in/

୬. ସରଳାର୍ଥ ଲେଖ । ('କ' ବିଭାଗରୁ ଗୋଟିଏ ଓ 'ଖ' ବିଭାଗରୁ ଗୋଟିଏ ।

୫ × ୨ = ୧୦

(କ) ଜଣେ ଯତ୍ନଶୀଳ ଓ ଦାୟିତ୍ୱବାନ ଲୋକ ଜୀବନରେ କେବେ ହାରିଯାଏ ନାହିଁ ।

କିମ୍ବା

ଜଣକର ସୁଖରେ ସମସ୍ତଙ୍କର ସୁଖ ନୁହେଁ ।

(ଖ) "ଦିନ ଶ୍ରମ ଅନ୍ତେ ବସି ନିଜ ନିଜ ଘରେ,
ବିଶ୍ରାମ ଲୋଡ଼ନ୍ତି ସର୍ବେ ଆକୁଳ ଅନ୍ତରେ.।"

କିମ୍ବା

"ଟିକିଟିକି କୋଟି ତାରକା ଫୁଟି ଗଗନେ ନିତି,
ରାତିର ଅନ୍ଧାର ବିନାଶି ତୋଫା କରନ୍ତି କ୍ଷିତି ।"

୭. ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଦିଅ । ୨ × ୩ = ୬

(କ) ସରୋଜିନୀଙ୍କର କବିତା ଓ ବକ୍ତୃତା କାହାକୁ ଅନୁପ୍ରାଣିତ କରୁଥିଲା ?

(ଖ) ପ୍ରଧାନ ବିଚାରପତି କାରିଗରଙ୍କ ନିକଟରୁ ଫେରିଆସି ରାଜାଙ୍କୁ କ'ଣ ଜଣାଇଥିଲେ ?

(ଗ) ବଣ୍ଡାଲୋକଙ୍କର ଘରଗୁଡ଼ିକ କିପରି ଥିଲା ?

(ଘ) ଚନ୍ଦନ କ'ଣ କ'ଣ ସଂଗ୍ରହ କରି ରଖିଥିଲା ?

୮. ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ । ୨ × ୨ = ୪

(କ) ଦୟାମୟଙ୍କ ଚର କହିଲେ କ'ଣ ?

(ଖ) ରାତି ସମୟରେ ଗହଳ ଚହଳ ଶୁଭେ ନାହିଁ କାହିଁକି ?

(ଗ) ଗଛ କି କି ଘଟଣା ସବୁ ଦେଖିଛି ବୋଲି କବିତାରେ ଲେଖାଯାଇଛି ?



https://ssvmkalamachhuin.in/

୯. ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ ।୧୨ × ୧ = ୧୨

ରଥଯାତ୍ରା, ସ୍ୱାଧୀନତା ଦିବସ, ଗ୍ରୀଷ୍ମଋତୁ, ଗୁରୁଦିବସ

୧୦. ଯେକୌଣସି ଗୋଟିଏ ଦରଖାସ୍ତ ବା ପତ୍ର ଲେଖ । ୮ × ୧ = ୮

ଅସୁସ୍ଥତା ବଶତଃ ଶ୍ରେଣୀ ଗୃହରୁ ଛୁଟି ନେବାକୁ ପ୍ରଧାନ ଆଚାର୍ଯ୍ୟଙ୍କ ନିକଟକୁ ଦରଖାସ୍ତ ଲେଖ ।

କିମ୍ବା

ତୁମ ବିଦ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ କିପରି ପାଳନ କଲ ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ ।

୧୧. ନିର୍ଦ୍ଦେଶାନୁସାରେ ଉତ୍ତର ଦିଅ ।

କ) ବାକ୍ୟ ଗଠନ କର । (୨ଟିର) ୨

ଦୁର୍ଲଭ, ଉତ୍ସବ, ଏକତା

ଗ) ବିପରୀତ ଶବ୍ଦ ଲେଖ । (୨ଟିର) ୨

ସ୍ୱାଧୀନ, ସୁବିଧା, ଯତ୍ନ

ଘ) ଗୋଟିଏ ଲେଖାଏଁ ପ୍ରତିଶବ୍ଦ ଲେଖ । (୨ଟିର) ୨

ପୃଥିବୀ, ଜଳ, ପକ୍ଷୀ

ଙ) ଲିଙ୍ଗ ପରିବର୍ତ୍ତନ କର । (୨ଟିର) ୨

ଶିକ୍ଷକ, ବୁଢ଼ୀ, ଛାତ୍ରୀ

ଙ) ଅର୍ଥଗତ ପାର୍ଥକ୍ୟ ଦର୍ଶାଅ । (୨ଟିର) ୨

ଲକ୍ଷ - କୂଳ - ବାସ -

ଲକ୍ଷ୍ୟ - କୁଳ - ବାସ -

ଚ) ଏକପଦରେ ପ୍ରକାଶ କର । (୨ଟିର) ୨

ଯାହାର ଚକ୍ଷୁ ନାହିଁ -

ଯେ ତାଲିମ୍ ପାଇଛି -

ଯାହା ସରେ ନାହିଁ -



https://ssvmkalamachhuin.in/

ଛ) ଶୁଦ୍ଧ କରି ଲେଖ । (୨ଟିର) ୨

ସାହାର୍ଯ୍ୟ, ନିଷ୍ପେଜ, ଅଧୀବେସନ

ଜ) ଯେପରି ଆନନ୍ଦରୁ ଆନନ୍ଦିତ ଠିକ୍ ସେହିପରି ୨

ପାଳନ –

ଉତ୍ସାହ –

ଝ) ପଦ ପୂରଣ କର । ୨

ନ ଫୁଟୁ ପଛକେ ବାସ ଫୁଲ ________________ ।

ନ ଉଡୁ ପଛକେ ________________ ସେନେହେ ।

ଞ) ସମ୍ବନ୍ଧ ଥିବା ଶବ୍ଦକୁ ଏକାଠି ଯୋଡ଼ି ଲେଖ । ୨

ଦାରୁଣ, ଘୋଟଇ, ଗଗନ, ଅଭାବ

ଟ) 'ଘରଦ୍ୱାର' ପରି ଦୁଇଟି ଯୋଡ଼ା ଶବ୍ଦ ଲେଖ । ୨

ଠ) ରାମ ପଡ଼ିଆରେ ଖେଳୁଛି । (ବିଶେଷ୍ୟ ପଦ ଚିହ୍ନାଅ) ୧

ଡ) କବିତାଟି ଇଂରାଜୀ ଭାଷାରେ ଲେଖା ହୋଇଥିଲା ୧

(ଉପଯୁକ୍ତ ବିରାମ ଚିହ୍ନ ଦିଅ ।)

ଢ) ସଜାଡ଼ି ଲେଖ । ୧

ଆଖି / ସେହି / କ'ଣ / ଜନ୍ଙ୍କ / ଆଖି / ଡିକ୍ର / ନୁହେଁ ।

୧୨. ପ୍ରକଳ୍ପ କାର୍ଯ୍ୟ । ୧୦

❖❖❖



https://ssvmkalamachhuin.in/

# शिक्षा विकाश समिति, ओड़िशा

## अर्द्धवार्षिक परीक्षा: २०२३-२०२४

कक्षा - चौथी | विषय - हिन्दी

समय - १ घंटा | पूर्णांक - ५०

१. साफ और सुन्दर हस्ताक्षर (दैनिक सुलिखन से) ५

२. इन प्रश्नों का उत्तर संक्षेप में दिजिए। (४का) २ × ४ = ८

(क) हमें क्या बरवाद करना नहीं चाहिए ?

(ख) काला नाग क्या खाता था ?

(ग) पृथ्वी से क्या सीखना चाहिए ?

(घ) किन में अच्छी मित्रता थी ?

(ङ) दीपक से क्या सीखना चाहिए ?

(च) हमारे शिर पर किसका हाथ रहना चाहिए ?

३. ओड़िआ में अनुवाद कीजिए। (५का) २ × ५ = १०

(क) वन मे बरगद का एक पेड़ था।

(ख) वह चुहे के बिल में घुस गया।

(ग) एक काला नाग उस पेड़ के पास आ गया।

(घ) राजा के आदेश पर अनेक कारीगर एकत्रित हुए।

(ङ) धर्मपद पिता के पैर छुए।

(च) आज धर्मपद नही है।



https://ssvmkalamachhuin.in/

४. निर्देशानुसार इन प्रश्नों का उत्तर दिजिए। २ × ६ = **१२**

(क) विश्वास, नादान, सेवा (इनमें से किसी दो का वाक्य **बनाइए)**

(ख) रा + ज् + य, स + च् + ची, व + स् + तु

(कीसी दो का संयुक्ताक्षर बनाइए)

(ग) संताप, हिम्मत, निर्मल। (किसी दो का अर्थ लिखिए)

(घ) लोमडी, लता, हम। (किसी दो का वचन बदलिए)

(ङ) रानी, बालक, माता। (किसी दो का लिंग बदलाइए)

(च) २३, २०, २८। (इनमें से दो सख्याओं को अक्षर में लि**खिए)**

५. हिन्दी में अनुवाद कीजिए। (किसी ५ का) २ × ५ = **१०**

(କ) ଗଣେଶ ବିଦ୍ୟାଦାତା ଅଟନ୍ତି ।

(ଖ) ମୁଁ ଚତୁର୍ଥ ଶ୍ରେଣୀରେ ପଢୁଅଛି ।

(ଗ) ହିମାଳୟ ସବୁଠାରୁ ଉଚ୍ଚ ପର୍ବତ ଅଟେ ।

(ଘ) ମୋ ଦେଶ ଭାରତ ସବୁଠାରୁ ମହାନ ।

(ଙ) ମୋ ବିଦ୍ୟାଳୟ, ମୋର ଗର୍ବ ଅଟେ ।

(ଚ) ମୁଁ ଜଣେ ଉତ୍ତମ ବାଳକ ଅଟେ ।

६. प्रकल्प कार्य **५**

❖ ❖ ❖



https://ssvmkalamachhuin.in/

# शिक्षाविकाशसमितिः, ओड़िशा

## अर्द्धवार्षिकपरीक्षा: २०२३-२०२४

कक्षा - चतुर्थी　　　　　　　　　　विषय: - संस्कृतम् (लिखितम्)

समय: - एका घटिका　　　　　　　　　　पूर्णांका: - ३०

१. संस्कृतेन उत्तरं लिखत। (चतुर्णाम्)　　　　　१ × ४ = ४

(क) क: विद्यालयं गच्छति ?

(ख) के अरण्ये भ्रमन्ति ?

(ग) मार्गे के सन्ति ?

(घ) वृक्षे का अस्ति ?

(ङ) वृक्षे कानि सन्ति ?

२. मातृभाषया अनुवादं कुरुत। (त्रयाणाम्)　　　　　२ × ३ = ६

(क) अहं स्नानार्थं नदीं गच्छामि।

(ख) पूजक: मन्दिरत: आगच्छति।

(ग) त्वं किमर्थं भ्रमसि ?

(घ) कृषक: क्षेत्रं गच्छति।

३. संस्कृतेन अनुवादं कुरुत । (त्रयाणाम्)　　　　　२ × ३ = ६

(କ) ବଗିଚାରେ ଫୁଲ ଅଛି ।

(ଖ) ରାସ୍ତାରେ କୃଷକମାନେ ଅଛନ୍ତି ।

(ଗ) ରାଜମାର୍ଗରେ ଗାଡ଼ିଗୁଡ଼ିକ ଯାଉଛି ।

(ଘ) ତୁମେ କାହିଁକି ମନ୍ଦିରକୁ ଯାଉଛ ?



https://ssvmkalamachhuin.in/

४. 'क' स्तम्भेन सह 'ख' स्तम्भं योजयतु । १ × ३ = ३

| 'क' | 'ख' |
| --- | --- |
| पुष्पाणि | आगच्छति |
| हस्तत: | सन्ति |
| माधव: | पतति |

५. शब्दानां बहुवचनं लिखतु। (त्रयाणाम्) १ × ३ = ३

गज: - ________

भ्रमति - ________

पर्वत: - ________

वानर: - ________

६. शून्यस्थानानि पूरयतु । (त्रयाणाम्) १ × ३ = ३

(क) वाटिकायां ________ अस्ति।

(ख) शवरी नदीत: ________ आनयति।

(ग) पर्वतत: ________ पतति।

(घ) गृहे ________ सन्ति।

७. प्रकल्पकार्यम् ५

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

**ଶ୍ରେଣୀ : ଚତୁର୍ଥ** | **ବିଷୟ : ସାଧାରଣଜ୍ଞାନ**

**ସମୟ : ୧ଘଣ୍ଟା** | **ପୂର୍ଣ୍ଣସଂଖ୍ୟା : ୫୦**

**ପ୍ରତ୍ୟେକ ପ୍ରଶ୍ନ ନିମନ୍ତେ ଚାରିଗୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ଠିକ୍ ଉତ୍ତରକୁ ବାଛି ଶିଶୁ ଭାଇଭଉଣୀମାନେ OMR Answer Sheet ରେ ଦିଆଯାଇଥିବା ଗୋଲକୁ କଳା କିମ୍ବା ନୀଳ ରଙ୍ଗର ବଲ୍‌ପେନ୍‌ରେ କଳା/ନୀଳ କରିବେ ।**

**ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ସମାନ ।** ୧ × ୫୦ = ୫୦

୧. କେଉଁ ମହାପୁରୁଷ ଭାରତର ସ୍ୱାଧୀନତା ସଂଗ୍ରାମରେ ପ୍ରଥମେ ଶହୀଦ ହୋଇଥିଲେ ?
(A) ଖୁଦୀରାମ ବୋଷ (B) ମଙ୍ଗଳ ପାଣ୍ଡେ (C) ବିର୍ସା ମୁଣ୍ଡା (D) ବକ୍‌ସି ଜଗବନ୍ଧୁ

୨. ଭାରତର ନୂତନ ସମ୍ବିଧାନ କେବେଠାରୁ କାର୍ଯ୍ୟକାରୀ ହୋଇଥିଲା ?
(A) ୧୯୫୦ (B) ୧୯୫୧ (C) ୧୯୫୨ (D) ୧୯୫୩

୩. ଭାରତର ବୃହତ୍ତମ ବ୍ୟାଙ୍କର ନାମ କ'ଣ ?
(A) ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (B) ଆନ୍ଧ୍ର ବ୍ୟାଙ୍କ
(C) କାନାରା ବ୍ୟାଙ୍କ (D) ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ

୪. ଭାରତର ଆୟତନ କେତେ ?
(A) ୩୨,୮୭,୨୬୩ ବର୍ଗ କି.ମି. (B) ୩୨,୮୭,୨୬୫ ବର୍ଗ କି.ମି.
(C) ୩୨,୮୭,୨୪୪ ବର୍ଗ କି.ମି. (D) ୩୨,୮୭,୨୭୩ ବର୍ଗ କି.ମି.

୫. ଭାରତରେ ଅଧିକ ଲୋକସଂଖ୍ୟା ଥିବା ରାଜ୍ୟର ନାମ କ'ଣ ?
(A) ମଧ୍ୟପ୍ରଦେଶ (B) ଗୁଜୁରାଟ (C) ଉତ୍ତରପ୍ରଦେଶ (D) ଓଡ଼ିଶା

୬. କେଉଁ ମନ୍ଦିର ଏଲୋରାଠାରେ ଅବସ୍ଥିତ ?
(A) ବିଷ୍ଣୁ (B) କୈଳାସ (C) ବ୍ରହ୍ମା (D) ଶ୍ରୀରାମ

୭. ଡାଲ ହ୍ରଦ କେଉଁଠାରେ ଅବସ୍ଥିତ ?
(A) କର୍ଣ୍ଣାଟକ (B) ଶ୍ରୀନଗର (C) ମଧ୍ୟପ୍ରଦେଶ (D) ସିକିମ

୮. ଶିବଙ୍କ ତ୍ରିଶୂଳ ଉପରେ ରହିଥିବା ନଗରୀର ନାମ କ'ଣ ?
(A) ବାରାଣସୀ (B) ମଥୁରା (C) ଦ୍ୱାରିକା (D) କାଶୀ

୯. ଶାନ୍ତିବନ ଅବସ୍ଥିତ ଥିବା ସ୍ଥାନର ନାମ କ'ଣ ?
(A) ମୁମ୍ବାଇ (B) ହାଇଦ୍ରାବାଦ (C) ଦିଲ୍ଲୀ (D) କୋଲକାତା

୧୦. ମଣିପୁରର ନୃତ୍ୟର ନାମ କ'ଣ ?
(A) ମଣିପୁରୀ (B) ବିହୁ (C) ଓଡ଼ିଶୀ (D) ଭାରତନାଟ୍ୟମ୍



https://ssvmkalamachhuin.in/

୧୧. ଗଞ୍ଜାମ ଜିଲ୍ଲାରେ ପରିବେଷଣ ହେଉଥିବା ନୃତ୍ୟର ନାମ କ'ଣ ?
(A) ଶାସ୍ତ୍ରୀୟ (B) ଦଣ୍ଡ ଓ ରଣପା (C) କୁଚିପୁଡ଼ି (D) କାପାଳିକ

୧୨. ଭାରତୀୟ ଶିଳ୍ପର ଜନକ କାହାକୁ କହନ୍ତି ?
(A) ମୁକେଶ ଅମ୍ବାନୀ (B) ଜାମସେଦଜୀ ଟାଟା (C) ସୁନୀଲ ଭାରତୀ ମିତ୍ତଲ (D) ନାରାୟଣ ମୂର୍ତ୍ତି

୧୩. ବାଟାନଗର କେଉଁ ଶିଳ୍ପ ପାଇଁ ପ୍ରସିଦ୍ଧ ?
(A) ମାର୍ବଲ (B) ସିଲ୍କ (C) ଚମଡ଼ା (D) କାର୍ପାସ

୧୪. ଝାଡ଼ଖଣ୍ଡର ସିଂହଭୂମିଠାରେ କେଉଁ କାରଖାନା ଅଛି ?
(A) ଆଲୁମିନିୟମ (B) ବ୍ରୋଞ୍ଜ (C) ଲୌହ ଇସ୍ପାତ (D) ତମ୍ବା

୧୫. ପଶ୍ଚିମବଙ୍ଗର କେଉଁଠାରେ ଷ୍ଟିଲ କାରଖାନା ଅଛି ?
(A) କୋଲକାତା (B) ଆଲିପୁର (C) ମାଲଦା (D) ଦୁର୍ଗାପୁର

୧୬. ଜେ.ଏଲ.ବେୟର୍ଡ଼ କ'ଣ ଉଦ୍ଭାବନ କରିଥିଲେ ?
(A) ଟେଲିଭିଜନ (B) ରେଡ଼ିଓ (C) ଟେଲିଫୋନ (D) ୱାସିଙ୍ଗ ମେସିନ

୧୭. ମୋଟର ସାଇକେଲ କିଏ ଉଦ୍ଭାବନ କରିଥିଲେ ?
(A) ଗ୍ରାହମ ବେଲ (B) ସିମିଶେ (C) ଏଡ୍‌ବର୍ଡ଼ ବଟଲର (D) ଇଟିନ୍

୧୮. କାଗଜ କିଏ ଉଦ୍ଭାବନ କରିଥିଲେ ?
(A) ବାରସଚ (B) ବାହଲ (C) ଲିପରସେ (D) ରବର୍ଟ ବଏଲ

୧୯. ଜନ୍.ଜେ.ଲାଉଡ କ'ଣ ଉଦ୍ଭାବନ କରିଥିଲେ ?
(A) ବଲପେନ (B) ପ୍ରେସର କୁକର (C) ବେଲୁନ (D) ଦୂରବୀକ୍ଷଣ ଯନ୍ତ୍ର

୨୦. ଇଣ୍ଟରନେଟ୍ କିଏ ଉଦ୍ଭାବନ କରିଥିଲେ ?
(A) ସିମିଶେ (B) ରିଜଟନ୍ କେଫ୍ (C) ରୋଏଣ୍ଟଜେନ (D) ମଣ୍ଟଗୋଲଫିର ଭ୍ରାତା

୨୧. କେବେ ଭାରତର ସମ୍ବିଧାନ ରଚନା ଶେଷ ହୋଇଥିଲା ?
(A) ୧୯୪୭ (B) ୧୯୪୮ (C) ୧୯୪୯ (D) ୧୯୫୦

୨୨. ଆମ ରାଜ୍ୟର କେଉଁଠାରେ ତୈଳ ରିଫାଇନ କାରଖାନା ଅଛି ?
(A) ସମ୍ବଲପୁର (B) ନୟାଗଡ଼ (C) ପାରାଦ୍ୱୀପ (D) ରାୟଗଡ଼ା

୨୩. ଅଗସ୍ତ୍ୟ ଋଷି ସମୁଦ୍ରକୁ ଚଳୁ କରି ଦେଇଥିବାରୁ କେଉଁମାନଙ୍କର କଲ୍ୟାଣ ହୋଇଥିଲା ?
(A) ମନୁଷ୍ୟ (B) ଦେବତା (C) ଅସୁର (D) ପଶୁପକ୍ଷୀ

୨୪. ପୁଷ୍କରରେ କେଉଁ ମନ୍ଦିର ଅଛି ?
(A) ଶ୍ରୀକୃଷ୍ଣ (B) ବ୍ରହ୍ମା (C) ଶିବ (D) ଜଗନ୍ନାଥ

୨୫. ଆନ୍ଧ୍ରପ୍ରଦେଶ କେଉଁ ନୃତ୍ୟ ପାଇଁ ପ୍ରସିଦ୍ଧ ?
(A) ବିହୁ (B) ବାଉଁଶ ନାଚ (C) କଥକ (D) ଭାରତ ନାଟ୍ୟମ୍



https://ssvmkalamachhuin.in/

୨୬. ରବି ସିଂ କେଉଁ କବି ଥିଲେ ?

(A) କବି ମଞ୍ଜୁଳ (B) ବିଶ୍ୱକବି (C) ବିପ୍ଳବୀ କବି (D) ପଲ୍ଲୀକବି

୨୭. ପଞ୍ଜାବର କେଉଁଠାରେ ମୋଜା, ଗଞ୍ଜି, ଚଡ଼ି କାରଖାନା ଅଛି ?

(A) ଫିରୋଜପୁର (B) ଲୁଧିଆନା (C) ଅମୃତସର (D) ଫରିଦକୋଟ

୨୮. ଆନ୍ଧ୍ରପ୍ରଦେଶର କେଉଁଠାରେ ଜାହାଜ ନିର୍ମାଣ କାରଖାନା ଅଛି ?

(A) ଅନନ୍ତପୁର (B) ବିଶାଖାପାଟଣା (C) ଗୁନଟୁର (D) ଏଲୁରୁ

୨୯. ରାଉରକେଲାଠାରେ କେଉଁ କାରଖାନା ଅଛି ?

(A) କାଚ (B) ଆଲୁମିନା (C) ସିମେଣ୍ଟ (D) ଲୌହଇସ୍ପାତ

୩୦. ଏକ୍ସ-ରେ କିଏ ଉଦ୍ଭାବନ କରିଥିଲେ ?

(A) ରୋଏଣ୍ଟଜେନ (B) ହେଭିଲ୍ୟାଣ୍ଡ କ୍ୟାରିୟର (C) ହାନସ୍ ଲିପରସେ (D) ଆଲଭା ଜେ.ଫିଶର

୩୧. ପ୍ରହ୍ଲାଦ କେଉଁ ଗୁଣ ପାଇଁ ସ୍ମରଣୀୟ ?

(A) ବୀରତା (B) ପରୋପକାର (C) ଈଶ୍ୱରଭକ୍ତି (D) ଗୁରୁଭକ୍ତି

୩୨. ମାଧବରାଓ ସଦାଶିବରାଓ ଗୋଲଓ୍ୱଲକରଙ୍କ ପିଲାଦିନର ନାମ କ'ଣ ?

(A) ସିଦ୍ଧାର୍ଥ (B) ନରେନ୍ଦ୍ର (C) ଶଙ୍କର (D) ମଧୁ

୩୩. ଅଯୋଧ୍ୟା କେଉଁ ନଦୀ କୂଳରେ ଅବସ୍ଥିତ ?

(A) ସରଯୂ (B) ଯମୁନା (C) ଗଙ୍ଗା (D) କ୍ଷିପ୍ରା

୩୪. କେଉଁ ନଦୀର ଜଳ ଏତେ ଶୁଦ୍ଧ ଓ ପବିତ୍ର ଯେ ବର୍ଷ ବର୍ଷ ଧରି ରଖିଲେ ମଧ୍ୟ ଦୂଷିତ ହୁଏ ନାହିଁ ?

(A) ସରସ୍ୱତୀ (B) ଗଙ୍ଗା (C) ସିନ୍ଧୁ (D) ନର୍ମଦା

୩୫. ନିଜ ପୁତ୍ରକୁ ଶୈଶବରୁ ରାଷ୍ଟ୍ରଭକ୍ତିର ପ୍ରେରଣା ଦେଇଥିବା ମା' କିଏ ?

(A) ମୀରାବାଈ (B) ଲକ୍ଷ୍ମୀବାଈ (C) ଜୀଜାବାଈ (D) ଜାନକୀ

୩୬. ଅଭିନବ ମୁକୁନ୍ଦ କେଉଁ ଖେଳ ସହ ସମ୍ପୃକ୍ତ ?

(A) ଫୁଟବଲ (B) ହକି (C) କ୍ରିକେଟ (D) ଟେନିସ

୩୭. ୨୦୨୩ ବିଶ୍ୱକପ କ୍ରିକେଟ କେଉଁ ଦେଶରେ ଖେଳାଯିବ ?

(A) ଭାରତ (B) ଅଷ୍ଟ୍ରେଲିଆ (C) ପାକିସ୍ତାନ (D) ଇଂଲଣ୍ଡ

୩୮. ବର୍ତ୍ତମାନ ଭାରତର ଶିକ୍ଷାମନ୍ତ୍ରୀଙ୍କ ନାମ କ'ଣ ?

(A) ଧର୍ମେନ୍ଦ୍ର ପ୍ରଧାନ (B) ଜୁଏଲ ଓରାମ (C) ସ୍ମୃତି ଇରାନି (D) ଅମିତ ଶାହା

୩୯. ଆମ ରାଜ୍ୟର ରାଜ୍ୟସଭାରେ ସଦସ୍ୟ ସଂଖ୍ୟା କେତେ ?

(A) ୧୫ (B) ୨୦ (C) ୨୧ (D) ୧୦

୪୦. ଆମ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ନାମ କ'ଣ ?

(A) ଶ୍ରୀ ମନୋହର ଲାଲ ଖଟ୍ଟର (B) ଶ୍ରୀ ନୀତୀଶ କୁମାର

(C) ଶ୍ରୀ ନବୀନ ପଟ୍ଟନାୟକ (D) ଶ୍ରୀ ଯୋଗୀ ଆଦିତ୍ୟନାଥ



https://ssvmkalamachhuin.in/

## 'ଖ' ବିଭାଗ

୪୧. ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସଂଗଠନ ସମ୍ପାଦକଙ୍କ ନାମ କ'ଣ ?

(A) ଶ୍ରୀ ତାରକଦାସ ସରକାର (B) ଡ଼ କିଶୋର ଚନ୍ଦ୍ର ମହାନ୍ତି

(C) ଶ୍ରୀ ସତ୍ୟନାରାୟଣ ପଟ୍ଟନାୟକ (D) ଲିଙ୍ଗରାଜ ଗୌଡ଼

୪୨. ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ପ୍ରାନ୍ତ ନିରୀକ୍ଷକଙ୍କ ନାମ କ'ଣ ?

(A) ଶ୍ରୀ ପ୍ରସନ୍ନ କୁମାର ବିଶ୍ୱାଳ (B) ଶ୍ରୀ ପ୍ରସନ୍ନ କୁମାର ସାହୁ

(C) ଶ୍ରୀ ଅଶୋକ କୁମାର ପଣ୍ଡା (D) ଶ୍ରୀ କୈଳାସ ଚନ୍ଦ୍ର ମିଶ୍ର

୪୩. ଶ୍ରୀ ମନୋଜ କୁମାର ଦାଶ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ କେଉଁ ଦାୟିତ୍ୱରେ ଅଛନ୍ତି ?

(A) ପ୍ରାନ୍ତ ଶାରୀରିକ ଶିକ୍ଷା ସଂଯୋଜକ (B) ପ୍ରାନ୍ତ ଆର୍ଥିକ ସମୀକ୍ଷକ

(C) ପ୍ରାନ୍ତ ପରୀକ୍ଷା ସଂଯୋଜକ (D) ପ୍ରାନ୍ତ ବିଦ୍ୱତ୍ ପରିଷଦ ସଂଯୋଜକ

୪୪. ତୁମେ ଭୋଜନ କରିବା ପୂର୍ବରୁ କେଉଁ ମନ୍ତ୍ର ଗାନ କର ?

(A) କଲ୍ୟାଣ ମନ୍ତ୍ର (B) ଭୋଜନ ମନ୍ତ୍ର (C) ଶାନ୍ତି ମନ୍ତ୍ର (D) ଗାୟତ୍ରୀ ମନ୍ତ୍ର

୪୫. ବିଦ୍ୟାଳୟ ଛୁଟି ପୂର୍ବରୁ ତୁମେ କେଉଁ ଦେଶଭକ୍ତି ଗୀତ ଗାନ କରିବା ପରେ ଘରକୁ ପ୍ରତ୍ୟାବର୍ତ୍ତନ କର ?

(A) ବନ୍ଦେ ଉତ୍କଳ ଜନନୀ (B) ଭାରତ ବନ୍ଦନା (C) ବନ୍ଦେ ମାତରମ୍ (D) ସରସ୍ୱତୀ ବନ୍ଦନା

୪୬.

| | |
|---|---|
| 14 | 18 |

| | |
|---|---|
| 7 | ? |


(A) 10 (B) 11 (C) 12 (D) 13

୪୭. AIF : 196 : : EGC : ..........?

(A) 573 (B) 368 (C) 641 (D) 795

୪୮. ରାଜା - ରାଣୀ : : ଶିକ୍ଷକ ________ ?

(A) ଶିକ୍ଷିକା (B) ଶିକ୍ଷା (C) ଶିକ୍ଷଣ (D) ଶିକ୍ଷକତା

୪୯. 


(A) ୨୨ (B) ୬୨ (C) ୪୪ (D) ୧୮

୫୦. cow : calf:: tiger ________ ?

(A) lamb (B) kitten (C) puppy (D) cub

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ଚତୁର୍ଥ — ବିଷୟ : ଗଣିତ

ସମୟ : ୨ଘଣ୍ଟା — ପୂର୍ଣ୍ଣସଂଖ୍ୟା : ୮୦

୧. ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ୧ × ୩ = ୩

(କ) ୧୮ଟି ଚକୋଲେଟ୍‌ରେ ଆଉ ଅତିକମ୍‌ରେ କେତୋଟି ଚକୋଲେଟ୍ ମିଶାଇଲେ ୫ ଜଣ ପିଲାଙ୍କୁ ସମାନ ଭାବେ ବାଣ୍ଟିହେବ ?

(୧, ୨, ୩, ୪)

(ଖ) ୪୫ ରୁ ୫୮ ପର୍ଯ୍ୟନ୍ତ କେତୋଟି ସଂଖ୍ୟା ଅଛି ?

(୧୨, ୧୩, ୧୪, ୧୫)

(ଗ) ଇଂରାଜୀ ଅକ୍ଷର W ଓ Z ରେ ଥିବା ରେଖାଖଣ୍ଡ ସଂଖ୍ୟା ମିଶି କେତେ ?

(୪, ୩, ୫, ୭)

୨. ଠିକ୍ ଉକ୍ତି ପାଖରେ ଠିକ୍ (✓) ଚିହ୍ନ ଓ ଭୁଲ ଉକ୍ତି ପାଖରେ ଭୁଲ (×) ଚିହ୍ନ ଦିଅ । ୧ × ୩ = ୩

(କ) ତିନି ଚତୁର୍ଥାଂଶରେ ହର ୩ ଓ ଲବ ୪ । ( )

(ଖ) ୧୮୮କୁ ଋଣାଙ୍କରେ ପ୍ରକାଶ କଲେ $\bar{2}\bar{1}2$ ହେବ । ( )

(ଗ) ୫୦+୩ < ୬୦ − ୮ ( )

୩. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ମିଳନ କର । ୧ × ୩ = ୩

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ସୂକ୍ଷ୍ମକୋଣୀ ତ୍ରିଭୁଜ | ୯୦° |
| ସମକୋଣୀ ତ୍ରିଭୁଜ | ୧୩୫° |
| ସ୍ଥୂଳକୋଣୀ ତ୍ରିଭୁଜ | ୫୫° |



https://ssvmkalamachhuin.in/

୪. ପୂର୍ବସଂଖ୍ୟା ଓ ପରସଂଖ୍ୟା ଲେଖ । ୧ × ୩ = ୩

(କ) ତିନିଅଙ୍କ ବିଶିଷ୍ଟ ବୃହତ୍ତମ ସଂଖ୍ୟାର ପୂର୍ବସଂଖ୍ୟା କେତେ ?

(ଖ) ୧୨ର ୧୦ ଗୁଣ କେଉଁ ସଂଖ୍ୟାର ପରସଂଖ୍ୟା ?

(ଗ) ମୋ ସହିତ ୧ ମିଶିଲେ ୮୯୦୧ର ପୂର୍ବବର୍ତ୍ତୀ ସଂଖ୍ୟା ହୁଏ, ତେବେ ମୁଁ କିଏ ?

୫. ଶୂନ୍ୟସ୍ଥାନ ପୂରଣ କର । ୨ × ୨ = ୪

(କ) ୭,୬,୦,୩କୁ ବ୍ୟବହାର କରି ପାଞ୍ଚଅଙ୍କ ବିଶିଷ୍ଟ ବୃହତ୍ତମ ସଂଖ୍ୟା ________ ।

(ଖ) ଯେଉଁ ଭଗ୍ନାଂଶର ଲବ ସାନ ଓ ହର ବଡ଼ ତାହାକୁ ________ କୁହାଯାଏ ।

୬. ଅଲଗାଟିକୁ ବାଛି ଲେଖ । ୨ × ୩ = ୬

(କ) $\frac{୧}{୫}, \frac{୩}{୧୨}, \frac{୨}{୧୦}, \frac{୪}{୨୦}$ (ସମଭଗ୍ନାଂଶ ଦୃଷ୍ଟିରୁ)

(ଖ) Z, N, E, A (ରେଖାଖଣ୍ଡ ଦୃଷ୍ଟିରୁ)

(ଗ) ୩୪୬୯, ୫୪୨୮, ୭୩୮୨, ୯୪୨୮ (ଶତକ ସ୍ଥାନ ଦୃଷ୍ଟିରୁ)

୭. ରେଖାଙ୍କିତ ପଦକୁ ବଦଳାଇ ଭ୍ରମ ଥିଲେ ସଂଶୋଧନ କର । ୨ × ୩ = ୬

(କ) ୧, ୩, ୫, ୭ କୁ ବ୍ୟବହାର କରି <u>୭ଟି</u> ପ୍ରକୃତ ଭଗ୍ନାଂଶ ଗଠନ କର ।

(ଖ) ଯେଉଁ ବର୍ଗକ୍ଷେତ୍ରର ପରିସୀମା ୩୬ ସେ.ମି. ତା'ର ପ୍ରତ୍ୟେକ ବାହୁର ଦୈର୍ଘ୍ୟ <u>୬ ସେ.ମି.</u> ହେବ ।

(ଗ) ପ୍ରତ୍ୟେକ ଅଙ୍କ ସମାନ ଥିବା ଚାରିଅଙ୍କ ବିଶିଷ୍ଟ ସଂଖ୍ୟା <u>୧୦ଟି</u> ଅଛି ।



https://ssvmkalamachhuin.in/

୮. ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । ୨ × ୪ = ୮

(କ) ୮$\overline{୪}\,\overline{୧}\,\overline{୨}$ ରୁ ସଂଖ୍ୟାଟି ନିର୍ଣ୍ଣୟ କର ।

(ଖ) ୪୩୪ × ୨୩୬ କୁ ଊର୍ଦ୍ଧ୍ୱତିର୍ଯ୍ୟକ ପ୍ରଣାଳୀରେ ଗୁଣନ କର ।

(ଗ) ୪୮ × ୬୮ କୁ ସମଏକକ ମିତ୍ର ଦଶକ ପ୍ରଣାଳୀରେ ଗୁଣନ କର ।

(ଘ) ୧୦୦୫ × ୯୯୬ କୁ ଆଧାର ସାହାଯ୍ୟରେ ଗୁଣନ କର ।

୯. ଏକପଦରେ ପ୍ରକାଶ କର । ୨ × ୨ = ୪

(କ) ଯେଉଁ ଚତୁର୍ଭୁଜର ୪ଟି ଯାକ ବାହୁ ସମାନ ଓ ପ୍ରତ୍ୟେକ କୋଣ ସମାନ –

(ଖ) ଯେଉଁ ତ୍ରିଭୁଜର ୧ଟି ସମକୋଣ ତାକୁ –

୧୦. ଯେକୌଣସି ୫ଟି ପ୍ରଶ୍ନର ଉତ୍ତର ଦିଅ । ୫ × ୫ = ୨୫

(କ) ଦଶକ ଘରେ ୯ ଓ ହଜାର ଘରେ ୩ ଥାଇ ଚାରିଅଙ୍କ ବିଶିଷ୍ଟ ସଂଖ୍ୟା ୫ଟି ଲେଖ ।

(ଖ) ୧୭୫୯ ରୁ ୫୦୦ ଲେଖାଏଁ ଆଗକୁ ବଢ଼ିବଢ଼ି ୫ଟି ସଂଖ୍ୟା ଲେଖ ।

(ଗ) ଗୋଟିଏ ଭାଗକ୍ରିୟାରେ ଭାଜକ ୧୫, ଭାଗଫଳ ଭାଜକଠାରୁ ୩ କମ୍ ଓ ଭାଗଶେଷ ୭ ହେଲେ ଭାଜ୍ୟ କେତେ ?

(ଘ) ଗୋଟିଏ ଗୋଦାମରେ ୩୦୭୫ ବସ୍ତା ଚିନି, ୨୪୨୦ ବସ୍ତା ଗହମ ଓ ଗହମ ଠାରୁ ୨୫୫ ବସ୍ତା ଚାଉଳ ଅଧିକ ଅଛି । ତେବେ ଗୋଦାମରେ କେତେ ବସ୍ତା ଜିନିଷ ଅଛି ?

(ଙ) ଗୋଟିଏ ଖମ୍ବର $\frac{୧}{୧୧}$ ଅଂଶରେ କଳା ରଙ୍ଗ, $\frac{୩}{୧୧}$ ଅଂଶରେ ନାଲି ରଙ୍ଗ ଓ $\frac{୫}{୧୧}$ ଅଂଶରେ ହଳଦିଆ ରଙ୍ଗ ଦିଆଯାଇଛି । ତେବେ ଖମ୍ବର ମୋଟ କେତେ ଅଂଶରେ ରଙ୍ଗ ଦିଆଯାଇଛି ?

(ଚ) ଶିଶୁଦିବସରେ ଶିକ୍ଷକ ୧୫୬ଜଣ ପିଲାଙ୍କୁ ୬ଟି ଲେଖାଏଁ ଚକୋଲେଟ୍ ବାଣ୍ଟିଲେ । ତାଙ୍କ ପାଖରେ ଆଉ ୩୮ଟି ଚକୋଲେଟ ବଳି ପଡିଲା । ତେବେ ସେ କେତୋଟି ଚକୋଲେଟ୍ ଆଣିଥିଲେ ?



https://ssvmkalamachhuin.in/

(ଛ) ଗୋଟିଏ ଆୟତକ୍ଷେତ୍ରର ଦୈର୍ଘ୍ୟ ୪୮ ସେ.ମି. ଓ ପ୍ରସ୍ଥ ୨୬ ସେ.ମି. ହେଲେ ତାହାର ପରିସୀମା କେତେ ?

୧୧. ଯେକୌଣସି ଗୋଟିଏର ଅଙ୍କନ କର । ୫

(କ) ଗୋଟିଏ ବର୍ଗଚିତ୍ର ଅଙ୍କନ କରି ତା'ର ଶୀର୍ଷ, କୋଣ ଓ ବାହୁ ଚିହ୍ନଟ କର ।

କିମ୍ବା

(ଖ) ଗୋଟିଏ ତ୍ରିଭୁଜ ଅଙ୍କନ କରି ତା'ର କୋଣ, ଶୀର୍ଷ ଓ ବାହୁ ଚିହ୍ନଟ କର ।

୧୨. ପ୍ରକଳ୍ପ କାର୍ଯ୍ୟ । ୧୦

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ଚତୁର୍ଥ — ବିଷୟ : ବିଜ୍ଞାନ

ସମୟ : ୧ଘଣ୍ଟା — ପୂର୍ଣ୍ଣସଂଖ୍ୟା : ୫୦

୧. ଠିକ୍ ବାକ୍ୟ ପାଖରେ (✓) ଚିହ୍ନ ଓ ଭୁଲ୍ ବାକ୍ୟ ପାଖରେ (×) ଚିହ୍ନ ଦିଅ । ୧ × ୨ = ୨

(କ) ଜୀବସାରଯୁକ୍ତ ଖାଦ୍ୟ ଆମର ହାଡ଼ ଗଠନ କରିଥାଏ । (   )

(ଖ) ଅଧିକ ସ୍ନେହସାରଯୁକ୍ତ ଖାଦ୍ୟ ଶରୀର ପାଇଁ କ୍ଷତିକାରକ ନୁହେଁ । (   )

୨. ଅଲଗା ଶବ୍ଦଟିକୁ ବାଛି ଲେଖ । ୧ × ୩ = ୩

(କ) ଚିନାବାଦାମ, ପିଜୁଳି, ଅଁଳା, କମଳା (ଭିଟାମିନ୍ ଦୃଷ୍ଟିରୁ)

(ଖ) ଯକ୍ଷ୍ମା, ହଇଜା, ହୃଦରୋଗ, ଶ୍ୱାସ । (ବାହକ ଦୃଷ୍ଟିରୁ)

(ଗ) ଟିଙ୍କ, ଉକୁଣୀ, ଝିଣ୍ଟିକା, ପିମ୍ପୁଡ଼ି । (ପ୍ରକାର ଦୃଷ୍ଟିରୁ)

୩. ସ୍ତମ୍ଭ ମିଳନ କର । ୧ × ୩ = ୩

| 'କ'ସ୍ତମ୍ଭ | 'ଖ'ସ୍ତମ୍ଭ |
| --- | --- |
| ବାଉଁଶ | ଅଠା |
| କିଆ | କାଗଜ |
| ବବୁଲ୍ | ଅତର |

୪. ବାମ ପାର୍ଶ୍ୱର ସମ୍ପର୍କ ଦେଖି ଦକ୍ଷିଣ ପାର୍ଶ୍ୱର ସମ୍ପର୍କ ନିର୍ଣ୍ଣୟ କର । ୧ × ୩ = ୩

(କ) ବଜ୍ରକାପ୍ତା : କାତି :: ଏଣ୍ଡିପୋକ : ____________



https://ssvmkalamachhuin.in/

(ଖ) ଗାଜର : ମୂଳ :: ଆଳୁ : ____________ ।

(ଗ) ଚୁଡ଼ା : ଶ୍ୱେତସାର :: ସୋୟାବିନ୍ : ____________ ।

୫. ଭ୍ରମ ଥିଲେ ରେଖାଙ୍କିତ ପଦକୁ ବଦଳାଇ ସଂଶୋଧନ କର ।

୧ × ୩ = ୩

(କ) ଗୋଟିଏ ମାଛି ଥରକୁ ୧୨୦ ରୁ ୧୫୦ଟି ପର୍ଯ୍ୟନ୍ତ ଅଣ୍ଡା ଦିଏ ।

(ଖ) କୂଅ ଜଳରେ କ୍ଲୋରିନ୍ ବଟିକା ପକାଇ ଜଳକୁ ବିଶୋଧନ କରାଯାଏ ।

(ଗ) ୭୦ଟି ପତ୍ରଥିବା ଉଦ୍ଭିଦ ଦିନକୁ ପ୍ରାୟ ୧ ଲିଟର ଜଳ ବାୟୁମଣ୍ଡଳକୁ ଛାଡ଼େ ।

୬. ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ୧ × ୩ = ୩

(କ) ଗାଈଗୋରୁଙ୍କ ଦେହରୁ କିଏ ରକ୍ତ ଶୋଷିନିଏ ?

(A) ଟିଙ୍କ (B) ଜନ୍ଦା

(C) ଉକୁଣି (D) ଓଡ଼ଶ

(ଖ) କଡ଼ଲିଭର ତେଲରେ କେଉଁ ଭିଟାମିନ ଥାଏ ?

(A) ଭିଟାମିନ - A (B) ଭିଟାମିନ - B

(C) ଭିଟାମିନ - D (D) ଭିଟାମିନ - C

(ଗ) କେଉଁ ଗଛର ଫୁଲରେ ଖାଦ୍ୟ ସଞ୍ଚିତ ହୋଇ ରହିଥାଏ ?

(A) ବନ୍ଧାକୋବି (B) ପିଆଜ

(C) ରସୁଣ (D) ବ୍ରୋକଲି

୭. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(କରଞ୍ଜ, ପ୍ଲେଗ୍, ଫୁସ୍‌ଫୁସ୍) ୧ × ୩ = ୩

(କ) ଜଙ୍ଗଲକୁ ପୃଥିବୀର ____________ କୁହାଯାଏ ।

(ଖ) ____________ ମଞ୍ଜିରୁ ତେଲ ବାହାର କରାଯାଏ ।

(ଗ) ମୂଷାମାନେ ____________ ରୋଗର ବାହକ ।



https://ssvmkalamachhuin.in/

୮. ସଂକ୍ଷେପରେ ଉତ୍ତର ଲେଖ । (୩ଟିର) ୨ × ୩ = ୬

(କ) ୬ଟି ପୁଷ୍ଟିସାର ଜାତୀୟ ଖାଦ୍ୟର ନାମ ଲେଖ ।

(ଖ) ୬ଟି ତୈଳବୀଜର ନାମ ଲେଖ ।

(ଗ) ପାନୀୟ ଜଳକୁ କିପରି ବିଶୁଦ୍ଧ କରିବ ?

(ଘ) ଉତ୍ସ୍ବେଦନ ପ୍ରକ୍ରିୟା କ'ଣ ?

୯. ବୈଜ୍ଞାନିକ କାରଣ ଲେଖ । (୧ଟିର) ୩ × ୧ = ୩

(କ) ଉଦ୍ଭିଦ ନ ରହିଲେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ବଢ଼ିଯିବ ।

(ଖ) ପ୍ରାଣୀମାନଙ୍କ ସୁରକ୍ଷା କରିବା ଆମର କର୍ତ୍ତବ୍ୟ ।

୧୦. ପାର୍ଥକ୍ୟ ଲେଖ । (୧ଟିର) ୩ × ୧ = ୩

(କ) ଧାତୁସାର ଓ ଜୀବସାର

(ଖ) ଉପକାରୀ ଉଦ୍ଭିଦ ଓ କ୍ଷତିକାରକ ଉଦ୍ଭିଦ

୧୧. ସଂକ୍ଷିପ୍ତ ଟିପ୍ପଣୀ ଲେଖ । (୧ଟିର) ୩ × ୧ = ୩

(କ) ସୁଷମ ଖାଦ୍ୟ

(ଖ) ଆଲୋକଶ୍ଳେଷଣ

୧୨. ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଲେଖ । ୫ × ୨ = ୧୦

(କ) ଉଦ୍ଭିଦ ଆମର କି କି ଉପକାର କରିଥାଏ, ବର୍ଣ୍ଣନା କର ।

(ଖ) ନଦୀଜଳ ଦୂଷିତ ହେବାର କାରଣ ଗୁଡ଼ିକ ଲେଖ ।

(ଗ) ଆଜିକାଲି ବନୀକରଣ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ କି କି ଉଦ୍ୟମ କରାଯାଉଛି ? ୨ଟି ଲେଖ ।

୧୩. ପ୍ରକଳ୍ପ କାର୍ଯ୍ୟ । ୫

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

**ଶ୍ରେଣୀ : ଚତୁର୍ଥ** | **ବିଷୟ : ସାମାଜିକ**

**ସମୟ : ୧ ଘଣ୍ଟା** | **ପୂର୍ଣ୍ଣସଂଖ୍ୟା : ୫୦**

୧. ଶୂନ୍ୟସ୍ଥାନ ପୂରଣ କର । ୧ × ୩ = ୩

(କ) କେନ୍ଦୁପତ୍ରରୁ ________ ତିଆରି କରାଯାଏ ।

(ଖ) ଓଡ଼ିଶାର ଶିମିଳିପାଳଠାରେ ________ ଅଭୟାରଣ୍ୟ ଅଛି ।

(ଗ) ପଞ୍ଚାୟତ ସମିତିର କାର୍ଯ୍ୟ ________ ଠାରେ ହୋଇଥାଏ ।

୨. ଠିକ୍ ଉକ୍ତି ପାଖରେ (✓) ଓ ଭୁଲ୍ ଉକ୍ତି ପାଖରେ (×) ଚିହ୍ନ ଦିଅ ।

୧ × ୩ = ୩

(କ) ସବୁଜବତୀ ଜଳିଲେ ରାସ୍ତା ପାରି ହେବା । ( )

(ଖ) ଅଂଶୁପା ହ୍ରଦର ଜଳ ଲୁଣିଆ ଅଟେ । ( )

(ଗ) ଯାଜପୁର ଜିଲ୍ଲାରେ କ୍ରୋମାଇଟ ମିଳିଥାଏ । ( )

୩. ଏକ ପଦରେ ପ୍ରକାଶ କର । ୧ × ୩ = ୩

(କ) ମହାନଗର ନିଗମର ୱାର୍ଡର ପ୍ରତିନିଧି -

(ଖ) ଭାରତର ଦକ୍ଷିଣଭାଗରେ ଥିବା ଜଳଭାଗ -

(ଗ) ପାମ୍ପଡ଼ର ମୂଳ ଶସ୍ୟ ଉପାଦାନ -



https://ssvmkalamachhuin.in/

୪. ସ୍ତମ୍ଭ ମିଳନ କର । ୧ × ୩ = ୩

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଚନ୍ଦକା | ଦେଓମାଳି |
| ବେସନ | ହାତୀ ଅଭୟାରଣ୍ୟ |
| କୋରାପୁଟ | ପକୁଡ଼ି |
| | ବାଘ |

୫. ଓଡ଼ିଶାର କେଉଁଠି ଅବସ୍ଥିତ ? ୧ × ୨ = ୨

(କ) ରେଳୱେ ମରାମତି କାରଖାନା

(ଖ) ଫେରୋକ୍ରମ ଶିଳ୍ପ

୬. ସଂକ୍ଷେପରେ ଉତ୍ତର ଦିଅ । (ଯେକୌଣସି ୨ଟିର) ୨ × ୨ = ୪

(କ) ପଞ୍ଚାୟତ ସମିତିରେ କେଉଁ କେଉଁ ମାନଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇଥାଏ ?

(ଖ) ଆଖୁରୁ ଗୁଡ଼ ତିଆରି କରାଯାଏ କିପରି ?

(ଗ) ସଉରାମାନେ କେଉଁ କେଉଁ ଚାଷ କରିଥାନ୍ତି ?

୭. କାରଣ ଦର୍ଶାଅ । (ଯେକୌଣସି ୨ଟିର) ୩ × ୨ = ୬

(କ) ଜଙ୍ଗଲର ସୁରକ୍ଷା ଓ ବୃଦ୍ଧି କରିବା ସମସ୍ତଙ୍କର କର୍ତ୍ତବ୍ୟ ଅଟେ ।

(ଖ) ଜଳାଭାବ ଦୂରୀକରଣରେ ନଦୀବନ୍ଧ ଯୋଜନାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ।

(ଗ) ଆମ ରାଜ୍ୟରେ ଅନେକ "ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର" ଖୋଲାଯାଇଛି ।

୮. ସଂକ୍ଷିପ୍ତ ଟିପ୍ପଣୀ ଲେଖ । (୨ଟିର) ୩ × ୨ = ୬

(କ) ମାନବ ସମ୍ପଦ

(ଖ) ଅର୍ଥକାରୀ ଫସଲ

(ଗ) ପୌର ପରିଷଦର ଇଚ୍ଛାଧୀନ କାର୍ଯ୍ୟ



https://ssvmkalamachhuin.in/

୯. ଯେକୌଣସି ୩ଟି ପ୍ରଶ୍ନର ଉତ୍ତର ଲେଖ । ୩ × ୩ = ୯

(କ) ଚିଲିକାକୁ ଲାଗି କେଉଁ କେଉଁ ଜିଲ୍ଲା ରହିଛି ?

(ଖ) ଛାତ ଉପରେ ଗୁଡ଼ି ଉଡ଼ାଇବା ନାହିଁ କାହିଁକି ?

(ଗ) ମୃତ୍ତିକାକୁ କେଉଁ କେଉଁ କାର୍ଯ୍ୟରେ ବ୍ୟବହାର କରାଯାଏ ?

(ଘ) ବଜ୍ରପାତରୁ ରକ୍ଷା ପାଇବା ପାଇଁ କ'ଣ କରିବା ଉଚିତ ?

୧୦. ଦତ୍ତ ମାନଚିତ୍ରରେ ନିମ୍ନଲିଖିତ ଜିଲ୍ଲାଗୁଡ଼ିକୁ ଦର୍ଶାଅ । ୨ × ୩ = ୬

(କ) ବଲାଙ୍ଗୀର

(ଖ) ସୁନ୍ଦରଗଡ଼

(ଗ) କୋରାପୁଟ



୧୧. ପ୍ରକଳ୍ପ କାର୍ଯ୍ୟ । ୫

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ଚତୁର୍ଥ | ବିଷୟ : ସାମାଜିକ

ନାମ .......................................................................

ବିଭାଗ........................... କ୍ର.ନଂ ...............................

୧୦. ଦତ୍ତ ମାନଚିତ୍ରରେ ନିମ୍ନଲିଖିତ ଜିଲ୍ଲାଗୁଡ଼ିକୁ ଦର୍ଶାଅ । ୨ × ୩ = ୬

(କ) ବଲାଙ୍ଗୀର (ଖ) ସୁନ୍ଦରଗଡ଼ (ଗ) କୋରାପୁଟ



https://ssvmkalamachhuin.in/